# <u>ଅନୁଗୋଳ ଜିଲ୍ଲାରେ ରାଷ୍ଟ୍ରୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ(ଏନ୍.ଏ.ଡି.ସି.ପି) ।</u>

## <u>ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପଶୁ ଆରୋଗ୍ୟ ମେଳାର ଶୁଭାରମ୍ଭ କାର୍ଯ୍ୟକ୍ରମ ମଥୁରା(ଉତ୍ତରପ୍ରଦେଶ)ରୁ ସିଧା ପ୍ରସାରଣ ।</u>

ଅନୁଗୋଳ,ତା.୧୧.୦୯: ଗୃହପାଳିତ ପଶୁ,ଗାଇ,ଗୋରୁ,ମଇଁଷି,ମେଣ୍ଢା ଓ ଘୁଷୁରୀ ମାନଙ୍କ ଠାରେ ଦେଖାଯାଉଥିବା ସଂକ୍ରାମକ ଭୁତାଣୁ ଜନିତ ରୋଗ ଫାଟୁଆ ଓ ବ୍ରୁସେଲୋସିସ୍‌ର ନିରାକରଣ ନିମନ୍ତେ ପ୍ରତିଶେଧକ ବ୍ୟବସ୍ଥା କରିବାକୁ ନେଇ ଆଜି ସାରା ଭାରତବର୍ଷରେ ରାଷ୍ଟ୍ରୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଏକ ପଶୁ ଆରୋଗ୍ୟ ମେଳାକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଆନୁଷ୍ଠାନିକ ଭାବେ ମଥୁରା(ଉତ୍ତରପ୍ରଦେଶ)ରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି । ପ୍ରାଣୀମାନଙ୍କର ଚିକିତ୍ସା ଓ ପ୍ରତିଶେଧକ ବ୍ୟବସ୍ଥା ନିମନ୍ତେ ବିଭିନ୍ନ ଅସ୍ତ୍ରୋପଚାର,ସୋନୋଗ୍ରାଫି ଓ ଅଲଟ୍ରାସାଉଣ୍ଡର ପଦ୍ଧତି ସମ୍ପର୍କରେ ଡାକ୍ତରମାନେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମ ଭାରତବର୍ଷର ଗ୍ରାମାଂଚଳର ପ୍ରତ୍ୟେକ ପଶୁପାଳକଙ୍କ ପାଖରେ ପହଂଚିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଅନୁଗୋଳ ଜିଲ୍ଲାରେ ରାଷ୍ଟ୍ରୀୟ କୃଷି ବିଜ୍ଞାନ କେନ୍ଦ୍ର ଓ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଏହି କାର୍ଯ୍ୟକ୍ରମକୁ ଦେଖିବା ନିମନ୍ତେ ଶତାଧିକ ଚାଷୀ ଓ ପଶୁପାଳକମାନେ ଯୋଗ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଏହି ନୂତନ କାର୍ଯ୍ୟକ୍ରମର ସୁଫଳ କିପରି ଜନସାଧାରଣଙ୍କ ପାଖରେ ପହଂଚିବ ସେଥିପାଇଁ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଛନ୍ତି । ନିଜର ଗୃହପାଳିତ ପଶୁକୁ ପ୍ରତିଶେଧକ ଟୀକା ଦେଇ ସୁସ୍ଥ ରଖିବା ସହ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆବଶ୍ୟକ ଜ୍ଞାନ ଆହରଣ କରିବାକୁ ଉପସ୍ଥିତ ଚାଷୀ ଓ ପଶୁପାଳକମାନଙ୍କୁ ସେ ପରାମର୍ଶ ଦେଇଛନ୍ତି । ପ୍ରାରମ୍ଭରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡା.ବିନିତା ଶତପଥି ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଚାଷୀମାନଙ୍କର ଆୟ ଦ୍ୱିଗୁଣିତ ଲକ୍ଷ୍ୟର ପରିପୂରଣରେ ଏଭଳି କାର୍ଯ୍ୟକ୍ରମର ଉପଯୋଗିତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ଦ୍ୱାରା ଗାଇ ଗୋରୁମାନଙ୍କର କୃତ୍ରିମ ପ୍ରଜନନ ଓ ଟୀକାକରଣ କାର୍ଯ୍ୟକ୍ରମର ପ୍ରଦର୍ଶନୀକୁ ଶୁଭାରମ୍ଭ କରିଥିଲେ । ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ. ରଣଜିତ୍ ଦାସ ଓ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ. ରଣଜିତ୍ ନନ୍ଦ କୃତ୍ରିମ ପ୍ରଜନନ ଦ୍ୱରା ଗାଇର କ୍ଷୀର ଉତ୍ପାଦନ ବୃଦ୍ଧି ତଥା ଫାଟୁଆ ଓ ବ୍ରୁସେଲୋସିସ୍ ରୋଗର ନିରାକରଣ ୨୦୨୨ ସୁଦ୍ଧା କିପରି ହୋଇପାରିବ ସେ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଶ୍ରୀ ଦୁଷ୍ମନ୍ତ ବେହେରା, ଉଦ୍ୟାନ ବିଭାଗର ଉପ-ନିର୍ଦ୍ଦେଶକ ଶ୍ରୀ ପଦ୍ମ ଲୋଚନ ଦାସ, ଏଲ୍ ଡି ଏମ୍ ମହେଶ୍ୱର ଗୌଡ, ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ସେଠୀ, ପ୍ରାଣୀ ସମ୍ପଦ ବିଭାଗର ଉପ-ନିର୍ଦ୍ଦେଶକ ଡା.ଭରତ ଗଡନାୟକ,ଜଳ ବିଭାଜିକାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଜତାଇ ମାଝି , ମତ୍ସ୍ୟ ସମ୍ପଦ ବିଭାଗର ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରୀ ଅଭିନ ଅଭିଳାଷ ଓ ଏଫ୍.ଇ ଏସର ଅଧିକାରୀ ଶ୍ରୀ ଅଶୋକ ଶତପଥିଙ୍କ ସମେତ ବିଭିନ୍ନ ବ୍ଲକରୁ ଆସିଥିବା ପଶୁପାଳକ ଓ ଚାଷୀମାନେ ଯୋଗ ଥିଲେ ।


राष्ट्रीय पशु रोग नियंत्रण कार्यक्रम,
देशव्यापी कृत्रिम गर्भाधान कार्यक्रम
एवं
स्वच्छता ही सेवा
शुभारम्भ समारोह
11 सितम्बर, 2019
श्री नरेन्द्र मोदी
माननीय प्रधान मंत्री
के करकमलों से
ରାଷ୍ଟ୍ରୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ
ଦେଶବ୍ୟାପୀ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ
ଶ୍ରୀ ନରେନ୍ଦ୍ର ମୋଦୀ
TOILET

